## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୧।୧୦(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ୍ ପଞ୍ଚାୟତର ମଞ୍ଜୁରୀଠାରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ନଟବର ମଳିକ(୮୫)। ସେ ସକାଳେ ଶୌଚ ହେବା ପାଇଁ ଘର ନିକଟ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିବା ପରେ ସେ ପୋଖରୀରେ ବୁଡ଼ିଯାଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରିବା ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୪) ରୁଜୁ କରାଯାଇଛି।

### କ୍ଲଷ୍ଟର ସ୍ତରୀୟ ସୁରଭି

ଖଇରା, ୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନଟାପଡାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟର ସ୍ତରୀୟ ସୁରଭି -୨୦୨୪ ସିଆରସିସି ଲକ୍ଷ୍ମଣ କୁମାର ସେନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟବକ୍ତା, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, କୈଳାସ ଚନ୍ଦ୍ର ବେହେରା, ଜନାର୍ଦ୍ଦନ ସାମଲ, ରଘୁନାଥ ମହାନ୍ତି, ପ୍ରଶାନ୍ତ କୁମାର ଜେନା, ଲମ୍ବୋଦର ଦାସ, ସୁଶାନ୍ତ କୁମାର ମହାପାତ୍ର, ଅଶୋକ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ହୋତା ମଞ୍ଚ ଆହ୍ୱାନ ଓ ନରୋତ୍ତମ ପୁଟି ଅତିଥି ପରିଚୟ ଓ ଅନ୍ନପୂର୍ଣ୍ଣା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ, ନୃତ୍ୟ, ବକ୍ତୃତା, କୁଇଜ ଓ ହସ୍ତକଳା ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଡଗରା ବେଳାଭୂମିର ବିକାଶ ପାଇଁ ଜିଲାପାଳଙ୍କ ପରିଦର୍ଶନ

ବାଲିଆପାଳ, ୧।୧୦(ଗୋପାଳ ଚନ୍ଦ୍ର ସାହୁ)

ସରକାର ଡଗରା ବେଳାଭୂମିର ବିକାଶ ପାଇଁ ପଦକ୍ଷେପ ନେଇଥିବା ଜଣାଯାଇଛି। ସୋମବାର ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସହିତ ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ, ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଜନକ କୁମାର ନାୟକ, ବସ୍ତା ଏସ୍‌ଡିପିଓ ଅରୁଣ ସାହୁଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଡଗରା ବେଳାଭୂମିର ବିକାଶ ପାଇଁ ଆବଶ୍ୟକତା ଦିଗରେ ଆଲୋଚନା କରିଥିଲେ। ବିଗତ ସରକାର ଡଗରାର ବିକାଶ ପାଇଁ କେବଳ ପ୍ରଚାରରେ ସୀମିତ ରଖିଥିଲେ, ଏପରିକି ଏଠାରେ ଏକ ଟୁରିଷ୍ଟ କରିଡ଼ର କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଜାନୁଆରୀ ୨୯ରେ ଶିଳାନ୍ୟାସ କରିଥିଲେ। ମାତ୍ର ବିକାଶ ଦୂରର କଥା କିଛିଦିନ ପରେ ଫଳକ କୁଆଡ଼େ ଉଭାନ ହୋଇଯାଇଥିଲା।

### ନୀଳଗିରି ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ

ନୀଳଗିରି, ୧।୧୦(ପ୍ରଶାନ୍ତ ବିଶ୍ୱାଳ)

ଆସନ୍ତା ୧୫ ଦିନରେ ବିଶ୍ୱବିଦ୍ୟାଳୟ, ସମସ୍ତ ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ମନ୍ଦିର, ପୂଜାମଣ୍ଡପରେ ଭାଜପା ଯୁବମୋର୍ଚ୍ଚା ତରଫରୁ ସଦସ୍ୟତା ଅଭିଯାନ କରାଯିବ। ଏହି କ୍ରମରେ ମଙ୍ଗଳବାର ନୀଳଗିରି ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କିଛି ସମୟ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ନୀଳଗିରି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ପଙ୍କଜ କୁମାର ପଣ୍ଡା, ତରୁଣ ଜେନା, ବିଶ୍ୱରାମ ମିଶ୍ର, ଗୋପୀବଲ୍ଲଭ ରାଉତ, ସନ୍ତୋଷ ନାୟକ, ରଞ୍ଜିତ ପଣ୍ଡିତ, ରତିକାନ୍ତ ପ୍ରମୁଖ ଉପସ୍ଥିତ ରହି ଶତାଧିକ ସଂଖ୍ୟାରେ ୧୮ ବର୍ଷରୁ ଅଧିକ ଆଗ୍ରହୀ ଛାତ୍ରୀଛାତ୍ରୀଙ୍କୁ ସଦସ୍ୟତା ପ୍ରଦାନ କରିଥିଲେ।

# ମଧ୍ୟାହ୍ନ ଭୋଜନ ନ ଆସିବାରୁ ଉତ୍ତେଜନା

■ ୨ ଦିନ ନିମ୍ନମାନର ଦିଆଯାଇଥିବା ଅଭିଭାବକଙ୍କ ଅଭିଯୋଗ

■ ଦୁର୍ବ୍ୟବହାର ଅଭିଯୋଗ କରି ବିଇଓଙ୍କ ଦ୍ୱାରସ୍ଥ ହେଲେ ଶିକ୍ଷୟିତ୍ରୀ ଶିକ୍ଷକ

ବାସୁଦେବପୁର,୧।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ମନ୍ଦାରୀ ହରିଜନ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଦ୍ୟ ନିମ୍ନମାନର ଦିଆଯାଉଥିବା ସହ ମଙ୍ଗଳବାର ନ ଆସିବାରୁ ୨ ସ୍କୁଲରେ ଉତ୍ତେଜନା ଦେଖାଦେଇଛି। ମଧ୍ୟାହ୍ନ ଭୋଜନ ଖାଦ୍ୟ ନ ଆସିବାରୁ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବାରୁ ବଞ୍ଚିତ ହୋଇଛନ୍ତି। ଶନିବାରଠାରୁ ମଧ୍ୟାହ୍ନ ଭୋଜନ ଖାଦ୍ୟ ନିମ୍ନମାନର ଦିଆଯାଉଥିବାରୁ ଏହି ବିବାଦ ଆରମ୍ଭ ହୋଇଛି। ସୋମବାର ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ମଧ୍ୟାହ୍ନଭୋଜନ ଖାଦ୍ୟ ନ ଆସିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟରେ ଖାଦ୍ୟ ରାନ୍ଧିବା ଓ ଏହି ରନ୍ଧା ଖାଦ୍ୟକୁ ଛାତ୍ରୀଛାତ୍ରଙ୍କୁ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟରେ ଏପରି ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିବା ବେଳେ କେତେଜଣ ଅଭିଭାବକ ଓ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ସ୍କୁଲରୁ ଘରକୁ ନେଇ ଯାଇଥିଲେ। ଏଥିସହ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି। ଅପରାହ୍ନରେ ଏହି ଘଟଣା ଘଟିବା ପରେ ଶିକ୍ଷୟିତ୍ରୀ ଶିକ୍ଷକ ଅସୁରକ୍ଷିତ ମନେ କରି ବିଇଓଙ୍କ କାର୍ଯ୍ୟାଳୟରେ ଏନେଇ ଅଭିଯୋଗ କରିଛନ୍ତି।

ଘଟଣାର ତଦନ୍ତ ପାଇଁ ଏବିଇଓ ଅମିୟ ମହାଳିକ ୨ ବିଦ୍ୟାଳୟରେ ପହଞ୍ଚିଥିଲେ। ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷକମାନଙ୍କ ସମସ୍ୟାକୁ ବୁଝାଶୁଝା ମାଧ୍ୟମରେ ସମାଧାନ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଷ୍ଟାଲିନା ଭୋଇ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁ ସେମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ସମାଧାନ କରିବା ପାଇଁ ଦାବି ହୋଇଛି।



ଭଦ୍ରକ ପୁରୁଣାବଜାର ଥାନା ପରିସରରେ ଡିଜିପି ୱାଇ. ବି ଖୁରାନିଆ ଓ ଅନ୍ୟ ପୋଲିସ ଅଧିକାରୀମାନେ।

# ସୁରଭି: ଭାଗନେଲେ ୩ଶହ ପ୍ରତିଯୋଗୀ




ସୁରଭି ମହୋତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୧।୧୦(କିଷାନ ପାତ୍ର)

ଚାନ୍ଦବାଲିର ମଦନମୋହନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ସିଙ୍ଗିଟି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍ତୁକୁଡ଼ା ସରପଞ୍ଚଙ୍କ ପ୍ରତିନିଧି ସାମାଜିକ କର୍ମୀ ସୁଶାନ୍ତ କୁମାର ପୁହାଣ, ମୁଖ୍ୟବକ୍ତା ଏବିଇଓ ତ୍ରିପୁରା ପଲାଇ, ଅନ୍ୟତମ ଅତିଥି ଭାବେ ଜୟକୃଷ୍ଣ ନାୟକ, ଦୁର୍ଯ୍ୟୋଧନ ଦାସ, ସୁଶାନ୍ତ କୁମାର ମଲ୍ଲିକ, ଗୌରହରି ନାୟକ, ପ୍ରତାପ ମହାନ୍ତି ଓ ମାଧବାନନ୍ଦ ଓଝା ଯୋଗଦେଇ ଶିଶୁ ମହୋତ୍ସବ ସୁରଭି, ଓଡ଼ିଶାର ଲୋକକଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୧୯ଟି ବିଦ୍ୟାଳୟର ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ସରୋଜ କୁମାର ମହଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଚନ୍ଦ୍ରମଣି ସାହୁ ଅତିଥି ପରିଚୟ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ସିଆର୍‌ପିଙ୍କୁ ଅଟକ ଘଟଣା: କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୧।୧୦ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀକୁ ନେଇ ଗଠିତ ମହାସଂଘର ସଭାନେତ୍ରୀ ଓ ଏମ୍‌ବିକେଙ୍କ ବିରୋଧରେ ସମସ୍ତ ସିଆର୍‌ପି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘରେ ନିଯୁକ୍ତ ଥିବା ଏମ୍‌ବିକେମାନଙ୍କ ବିଭିନ୍ନ ଦାବି ନେଇ ଗତ ୨୫ ତାରିଖରେ କଲମଛାଡ଼ ଆନ୍ଦୋଳନ ହୋଇଥିଲା। ବ୍ଲକର ସିଆର୍‌ପି ଆନ୍ଦୋଳନରେ ସାମିଲ ହୋଇ ନ ଥିଲେ। ହେଲେ ବ୍ଲକର କିଛି ଏମ୍‌ବିକେ ସିଆର୍‌ପି ସଂଘର ବିନା ଅନୁମତିରେ କେତେଜଣ ସିଆର୍‌ପିଙ୍କୁ ନେଇ ଆନ୍ଦୋଳନରେ ସାମିଲ କରିଥିଲେ ବୋଲି ସିଆର୍‌ପି ସଂଘ ପକ୍ଷରୁ କୁହାଯାଇଛି।

ବ୍ଲକର ମୋଟ୍ ଏମ୍‌ବିକେଙ୍କ ସଂଖ୍ୟା ୩୦ ଥିଲାବେଳେ ସିଆର୍‌ପି ସଂଖ୍ୟା ୩୫୦। ଏମ୍‌ବିକେମାନଙ୍କ ପକ୍ଷରୁ କରାଯାଇଥିବା ଆନ୍ଦୋଳନକୁ ସମର୍ଥନ କରୁନାହାନ୍ତି ଏବଂ ପୂର୍ବ ଭଳି ସମସ୍ତ କାମ ସୁଚାରୁ ରୂପେ କରିବା ସମ୍ବନ୍ଧରେ ଏକ ଦରଖାସ୍ତ ବିଡିଓଙ୍କୁ ଦେବାକୁ ସିଆର୍‌ପି ସଂଘର ସଭାନେତ୍ରୀ ବନ୍ଦିତା ନାୟକ ଓ ସମ୍ପାଦିକା ଦମୟନ୍ତୀ ଯେନା ୨୭ ତାରିଖରେ ଯାଇଥାନ୍ତେ। ଏମ୍‌ବିକେ ଏକ ଜରୁରୀ ବୈଠକରେ ସାମିଲ ହେବାକୁ ପଞ୍ଚାୟତର ସମସ୍ତ ସିଆର୍‌ପିଙ୍କୁ ନିଜ ଘରକୁ ଡାକିଥିଲେ। ଉକ୍ତ ସଭାକୁ ଯିବା ପରେ ଆନ୍ଦୋଳନକୁ ସମର୍ଥନ କରିନାହାନ୍ତି ଏବଂ ଏହାର ଦରଖାସ୍ତ ପଞ୍ଚାୟତ ମହାସଂଘର ସଭାନେତ୍ରୀଙ୍କୁ ଦେଇଥିଲେ। ସଭାନେତ୍ରୀ ସିଆର୍‌ପି ମହିଳାଙ୍କ ଦରଖାସ୍ତକୁ ଗ୍ରହଣ ନ କରି ସମସ୍ତ ଚାକିରି ହରାଇବାର ଧମକ ଦେଇଥିଲେ। ଏଥିସହ ଉକ୍ତ ସ୍ଥାନରେ ସଭାନେତ୍ରୀ ଓ ଏମ୍‌ବିକେ ମିଳିତ ଭାବେ ସିଆର୍‌ପିମାନଙ୍କୁ ଏକ ଘରେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଅଟକ ସମୟରେ ଜଣେ ସିଆର୍‌ପି ଅଚେତ ହେବା ସହ ଅସୁସ୍ଥ ହୋଇଥିବା ନେଇ ଜଣାଇବା ପରେ ମଧ ସେମାନଙ୍କୁ ଛାଡ଼ି ନ ଥିଲେ ବୋଲି ସିଆର୍‌ପିମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ଦିତା ନାୟକ, ସବିତା ଶତପଥୀ, ସଂଯୁଲତା ରାଉତ, ରଶ୍ମିତା ନାୟକ, କାମିନୀପ୍ରିୟା ଜେନା, ତାନୁଲତା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ବିଡିଓ ବନବିହାରୀ ଦିଣ୍ଡା ବିଭାଗୀୟ ଅଧିକାରୀ ପୀତବାସ ବିଶ୍ୱାଳଙ୍କୁ ତଦନ୍ତଭାର ଦେଇଥିବା କହିଛନ୍ତି। ସଭାନେତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଏମ୍‌ବିକେ ରଶ୍ମିତା ଓଝା କହିଛନ୍ତି।



ବିଡିଓଙ୍କ ନିକଟରେ ସିଆର୍‌ପିମାନେ ଅଭିଯୋଗ କରୁଛନ୍ତି।

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

**ଜିଲାସ୍ତରରେ ପାଳିଲେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ଭଦ୍ରକ,୧।୧୦(ସନାତନ ରାଉତ)

ବରିଷ୍ଠ ନାଗରିକମାନେ ପରିବାର ଓ ସମାଜର ମାର୍ଗଦର୍ଶକ। ସେମାନେ କାହା ଉପରେ ବୋଝ ନ ହୋଇ ବରଂ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦିଅନ୍ତି। ସେମାନଙ୍କ ଆଶୀର୍ବାଦ ଥିଲେ ଜୀବନରେ ସଫଳତା ମିଳେ। ସେମାନଙ୍କୁ ପାରିବାରିକ, ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାରେ ସହଯୋଗ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମଙ୍ଗଳବାର ଭଦ୍ରକ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଭଦ୍ରକ ସହର ବାଇପାସ୍‌ସ୍ଥିତ ଗୁଜୁରାଟୀ ଭବନରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସ୍ୱାଗତ ଭାଷଣ ଓ ଉକ୍ତ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ୩ଜଣ ସ୍ୱାଧୀନତା ସଂଗ୍ରାମୀ ଓ ବରିଷ୍ଠ ନାଗରିକଙ୍କ ସମେତ ୧୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବ୍ଲକର ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା, ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଜିଲାର ସାମାଜିକ ସୁରକ୍ଷା ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

## ପ୍ରତିଭା ପ୍ରଦର୍ଶନ ପାଇଁ ଉତ୍କୃଷ୍ଟ ମାଧ୍ୟମ: ବିଧାୟକ, ଏମ୍‌ପି

ଖଇରା, ୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା କ୍ଲଷ୍ଟରର ରଟିଣାସ୍ଥିତ ପ୍ରହ୍ଲାଦ ପ୍ରସାଦ ସରକାରୀ ହାଇସ୍କୁଲରେ ସୋମବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ନିମିତ୍ତ ସରକାରଙ୍କ ସୁରଭି କାର୍ଯ୍ୟକ୍ରମ ଉପଯୁକ୍ତ ମାଧ୍ୟମ ବୋଲି କହିବା ସହ ଆଗ୍ରହ ଅନୁଯାୟୀ ପାଠ ସହ ଖେଳକୁଦ, ନାଚ, ଗୀତରେ ଦକ୍ଷତା ଦେଖାଇବାକୁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଭାପତି ରାଧାଶ୍ୟାମ ମହାପାତ୍ର, ସରପଞ୍ଚ ବାସନ୍ତୀ ମହାନ୍ତି, ସମିତିସଭ୍ୟା ଛବିଳତା ମହାପାତ୍ର, ଆଲୁମିନି ସଭାପତି ପ୍ରଫୁଲ୍ଲ ମହାନ୍ତି, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, କମିଟି ସଭ୍ୟ ନିରଞ୍ଜନ ମହାପାତ୍ର, ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟିର ସମସ୍ତ ସଭ୍ୟା, ଶିକ୍ଷୟିତ୍ରୀ ଓ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ମନ୍ମଥ-ମନୋଜ ସ୍ମାରକୀ

ବାଲେଶ୍ୱର,୧।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଅଧୀନ ଶଙ୍ଖାରିସ୍ଥିତ ମନ୍ମଥ-ମନୋଜ ସ୍ମାରକୀକୁ ମଙ୍ଗଳବାରଠାରୁ ଜନସାଧାରଣଙ୍କ ନିମନ୍ତେ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ମନ୍ମଥ-ମନୋଜ ସ୍ମାରକୀ ପରିସର ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ। କେବଳ ସୋମବାର ରକ୍ଷଣାବେକ୍ଷଣ ନିମନ୍ତେ ଏହା ବନ୍ଦ ରହିବ। ଏହି ପରିସର ମଧ୍ୟରେ ଥିବା ସ୍ମାରକୀ ସଂଗ୍ରହାଳୟ ଏବଂ ପାଠାଗାର ଉକ୍ତ ଦିନଗୁଡିକରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା୩୦ ପର୍ଯ୍ୟନ୍ତ ଖୋଲା ରହିବ। ସାଂସ୍କୃତିକ ସଚେତନତା ଓ ସ୍ଥାନୀୟ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମନ୍ମଥ-ମନୋଜ ସ୍ମାରକୀ ପରିସରକୁ ପ୍ରବେଶ ସମସ୍ତ ଦର୍ଶକଙ୍କ ପାଇଁ ମାଗଣା ରହିବ। ସ୍ମାରକୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଦର୍ଶକଙ୍କଠାରୁ ୧୦ଟଙ୍କା ଆଦାୟ କରାଯିବ। ଏହି ଅବସରରେ ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଡିଓ, ବିଇଓ, ଛାତ୍ରୀଛାତ୍ର ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ‘ସ୍ୱଚ୍ଛତା ହି ସେବା’ ଅଧୀନ ଏକ ସାଧାରଣ ସଭା ମଧ ଅନୁଷ୍ଠିତ ହୋଇଯାଇଛି।

ପ୍ରକାଶଥାଉ କି, ଗତ ଫେବୃଆରୀ ୨୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ମନ୍ମଥ-ମନୋଜ ସ୍ମାରକୀର ଉଦ୍‌ଘାଟନ କରାଯାଇଥିଲା। ୧୫ କୋଟିରୁ ଊର୍ଦ୍ଧ୍ୱରେ ଏହି ଐତିହାସିକ ସ୍ମାରକୀ ନିର୍ମାଣ କରାଯାଇଛି। ଏହି ସ୍ମାରକୀର ପରିଚାଳନା ନିମନ୍ତେ ଭୋଗରାଇ ବ୍ଲକ ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

# ‘ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ହେଉ’

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗାହୀ), ୧।୧୦

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟ ଆରମ୍ଭ ପାଇଁ ପ୍ରଦୂଷଣ ବୋର୍ଡ ପକ୍ଷରୁ ଆସନ୍ତା ୭ତାରିଖ ଦେଉଳା ପଞ୍ଚାୟତର ବସୁଦେବପୁର ପଡ଼ିଆରେ ଜନଶୁଣାଣିର ଦିନ ଓ ସ୍ଥାନ ନିରୂପଣ କରି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ୬ ପଞ୍ଚାୟତରେ ଜନ ଅସନ୍ତୋଷ ଧୀରେ ଧୀରେ ତେଜିବାରେ ଲାଗିଛି। ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ନ କରି ଅନ୍ୟତ୍ର ଜନଶୁଣାଣି ହେଲେ ଜନଶୁଣାଣିକୁ ବର୍ଜନ କରାଯିବ ବୋଲି ଚଉମୁଖ, ଡଗରା, ବେତଗଡ଼ିଆ, ଅଳାଡ଼ିହା, ନୂଆଗାଁ, ଜମ୍ବିରାଇ ପଞ୍ଚାୟତବାସୀଙ୍କ ସହିତ ଭିଟାମାଟି ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ମଙ୍ଗଳବାର ବାଲିଆପାଳ ତହସିଲଦାର ଜନକ କୁମାର ନାୟକଙ୍କ ଜରିଆରେ ଜିଲାପାଳଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ନ କରି ଅନ୍ୟତ୍ର ଜନଶୁଣାଣି କରିବାରେ ସରକାରଙ୍କର କଣ ଉଦ୍ଦେଶ୍ୟ ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ବନ୍ଦର ହେଲେ ଚଉମୁଖ ପଞ୍ଚାୟତ ଅଧିକ ପ୍ରଭାବିତ ହେବ। ତେଣୁ ଉକ୍ତ ପଞ୍ଚାୟତରେ ଜନଶୁଣାଣି ହେଲେ ଗ୍ରାମବାସୀ ବିଶେଷ ଭାବରେ ବିସ୍ଥାପିତ ହେବାକୁ ଥିବା ଭୟର ସମସ୍ତ ତଥ୍ୟ ଅବଗତ ହୋଇପାରିବେ। ଦୂରରେ ଜନଶୁଣାଣି ହେଲେ ସମସ୍ତ ଲୋକେ ଜନଶୁଣାଣି ଶିବିରକୁ ଯାଇପାରିବେ ନାହିଁ। ଲୋକଙ୍କ ମନରେ ଥିବା ବିସ୍ଥାପିତ ହେବାର ଭୟ କମିବା ପରିବର୍ତ୍ତେ ବିସ୍ଥାପିତ ହେବାର ଭୟ ଘନୀଭୂତ ହେବ। ଫଳରେ ବନ୍ଦର ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି କରା ନ ଗଲେ ଜନଶୁଣାଣିକୁ ସମ୍ପୂର୍ଣ୍ଣ ବର୍ଜନ କରାଯିବ ବୋଲି ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନା, ବାଲିଆପାଳ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର, ଯୁବନେତା ତୀର୍ଥ ନାଗଙ୍କ ସହିତ ୬ ପଞ୍ଚାୟତର ନେତୃବୃନ୍ଦ ଓ ବହୁ ଗ୍ରାମବସୀ ଚେତାବନୀ ଦେଇଛନ୍ତି।

**ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର**

■ ଅନ୍ୟତ୍ର ହେଲେ ବର୍ଜନ ଚେତାବନୀ

## ସଂକ୍ଷେପରେ

### ପାର୍ବଣରେ ବୈଦ୍ୟୁତିକ ସତର୍କତା ଅବଲମ୍ବନ ପାଇଁ ଟିପିଏନ୍‌ଓଡିଏଲ୍‌ର ପରାମର୍ଶ

**ବାଲେଶ୍ୱର, ୧।୧୦(ବାଞ୍ଛାନିଧି ଦେ)**

ସର୍ବଦା ସୁରକ୍ଷାକୁ ଅଗ୍ରାଧିକାର ଦେଉଥିବା ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପାର୍ବଣ ଋତୁ ଅବସରରେ ବିଦ୍ୟୁତ ସମ୍ପର୍କିତ ସତର୍କତାକୁ ବିଶେଷ ଧ୍ୟାନ ଦେବା ପାଇଁ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛି। ଦୁର୍ଗାପୂଜା ଓ କାଳୀପୂଜା ଅବସରରେ ନିର୍ମାଣ କରାଯାଉଥିବା ମଣ୍ଡପ ତଥା ଅସ୍ଥାୟୀ ଟେଣ୍ଟଗୁଡ଼ିକୁ ବିଦ୍ୟୁତଖୁଣ୍ଟ, ତାର ଅବା ଟ୍ରାନ୍ସଫର୍ମରଗୁଡ଼ିକଠାରୁ ସୁରକ୍ଷିତ ଦୂରତାରେ ନିର୍ମାଣ ଏବଂ ଉପରେ ଝୁଲୁଥିବା ବିଦ୍ୟୁତ ତାର ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅବଗତ କରାଯାଇଛି। ସାଜସଜ୍ଜା ସମୟରେ କୌଣସି ବିଦ୍ୟୁତ ତାର ଅବା ଉପକରଣଗୁଡ଼ିକଠାରୁ ଦୂରତା ପ୍ରତି ଧ୍ୟାନ ଦେବା ତଥା ପୂଜା ପେଣ୍ଡାଲରେ ବିଦ୍ୟୁତ ସଂଯୋଗ କରିବା ପାଇଁ ନିକଟସ୍ଥ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରିବାକୁ ଟିପିଏନଓଡିଏଲ ପକ୍ଷରୁ ମଧ ପରାମର୍ଶ ଦିଆଯାଇଛି। ସେହିପରି ଭସାଣ ଓ କାଳୀପୂଜା ଅବସରରେ ବାଣ ଫୁଟାଇବା ବେଳେ ବିଦ୍ୟୁତ ଖୁଣ୍ଟ ଅବା ତାରଗୁଡ଼ିକଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ ଏବଂ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ନିକଟରେ ଆଦୌ ବାଣ ନ ଫୁଟାଇବାକୁ କୁହାଯାଇଛି। ଘର ସାଜସଜ୍ଜାରେ ଛିଣ୍ଡା କିମ୍ବା ପୁରୁଣା ତାରକୁ ବ୍ୟବହାର ନ କରିବାକୁ ଦର୍ଶାଯାଇଥିବା ବେଳେ ପାର୍ବଣଋତୁରେ ପର୍ବଗୁଡ଼ିକୁ ହର୍ଷୋଲ୍ଲାସର ସହ ପାଳନ ସହିତ ସତର୍କତା ପ୍ରତି ସର୍ବଦା ଯତ୍ନବାନ ହେବାକୁ ଟିପିଏନଓଡିଏଲ ପକ୍ଷରୁ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

### ନୀଳଗିରି ଯୁବମୋର୍ଚ୍ଚା ତରଫରୁ ସଦସ୍ୟତା ଅଭିଯାନ



**ନୀଳଗିରି, ୧।୧୦(ପ୍ରଶାନ୍ତ ବିଶ୍ୱାଳ)**

ଆସନ୍ତା ୧୫ ଦିନରେ ବିଶ୍ୱବିଦ୍ୟାଳୟ, ସମସ୍ତ ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ମନ୍ଦିର, ପୂଜାମଣ୍ଡପରେ ଭାଜପା ଯୁବମୋର୍ଚ୍ଚା ତରଫରୁ ସଦସ୍ୟତା ଅଭିଯାନ କରାଯିବ। ଏହି କ୍ରମରେ ମଙ୍ଗଳବାର ନୀଳଗିରି ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କିଛି ସମୟ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ନୀଳଗିରି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ପଙ୍କଜ କୁମାର ପଣ୍ଡା, ତରୁଣ ଜେନା, ବିଶ୍ୱରାମ ମିଶ୍ର, ଗୋପୀବଲ୍ଲଭ ରାଉତ, ସନ୍ତୋଷ ନାୟକ, ରଞ୍ଜିତ ପଣ୍ଡିତ, ରତିକାନ୍ତ ପ୍ରମୁଖ ଉପସ୍ଥିତ ରହି ଶତାଧିକ ସଂଖ୍ୟାରେ ୧୮ ବର୍ଷରୁ ଅଧିକ ଆଗ୍ରହୀ ଛାତ୍ରୀଛାତ୍ରୀଙ୍କୁ ସଦସ୍ୟତା ପ୍ରଦାନ କରିଥିଲେ।

# ‘ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ହେଉ’

## ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର

■ଅନ୍ୟତ୍ର ହେଲେ ବର୍ଜନ ଚେତାବନୀ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗାହୀ), ୧।୧୦**

ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟ ଆରମ୍ଭ ପାଇଁ ପ୍ରଦୂଷଣ ବୋର୍ଡ ପକ୍ଷରୁ ଆସନ୍ତା ୭ତାରିଖ ଦେଉଳା ପଞ୍ଚାୟତର ବସୁଦେବପୁର ପଡ଼ିଆରେ ଜନଶୁଣାଣିର ଦିନ ଓ ସ୍ଥାନ ନିରୂପଣ କରି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ୬ ପଞ୍ଚାୟତରେ ଜନ ଅସନ୍ତୋଷ ଧୀରେ ଧୀରେ ତେଜିବାରେ ଲାଗିଛି। ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ନ କରି ଅନ୍ୟତ୍ର ଜନଶୁଣାଣି ହେଲେ ଜନଶୁଣାଣିକୁ ବର୍ଜନ କରାଯିବ ବୋଲି ଚଉମୁଖ, ଡଗରା, ବେତଗଡ଼ିଆ, ଅଳାଡ଼ିହା, ନୂଆଗାଁ, ଜମ୍ବିରାଇ ପଞ୍ଚାୟତବାସୀଙ୍କ ସହିତ ଭିଟାମାଟି ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ମଙ୍ଗଳବାର ବାଲିଆପାଳ ତହସିଲଦାର ଜନକ କୁମାର ନାୟକଙ୍କ ଜରିଆରେ ଜିଲାପାଳଙ୍କ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି ନ କରି ଅନ୍ୟତ୍ର ଜନଶୁଣାଣି କରିବାରେ ସରକାରଙ୍କର କଣ ଉଦ୍ଦେଶ୍ୟ ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ବନ୍ଦର ହେଲେ ଚଉମୁଖ ପଞ୍ଚାୟତ ଅଧିକ ପ୍ରଭାବିତ ହେବ। ତେଣୁ ଉକ୍ତ ପଞ୍ଚାୟତରେ ଜନଶୁଣାଣି ହେଲେ ଗ୍ରାମବାସୀ ବିଶେଷ ଭାବରେ ବିସ୍ଥାପିତ ହେବାକୁ ଥିବା ଭୟର ସମସ୍ତ ତଥ୍ୟ ଅବଗତ ହୋଇପାରିବେ। ଦୂରରେ ଜନଶୁଣାଣି ହେଲେ ସମସ୍ତ ଲୋକେ ଜନଶୁଣାଣି ଶିବିରକୁ ଯାଇପାରିବେ ନାହିଁ। ଲୋକଙ୍କ ମନରେ ଥିବା ବିସ୍ଥାପିତ ହେବାର ଭୟ କମିବା ପରିବର୍ତ୍ତେ ବିସ୍ଥାପିତ ହେବାର ଭୟ ଘନୀଭୂତ ହେବ। ଫଳରେ ବନ୍ଦର ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପ୍ରକଳ୍ପ ଅଞ୍ଚଳରେ ଜନଶୁଣାଣି କରା ନ ଗଲେ ଜନଶୁଣାଣିକୁ ସମ୍ପୂର୍ଣ୍ଣ ବର୍ଜନ କରାଯିବ ବୋଲି ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନା, ବାଲିଆପାଳ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର, ଯୁବନେତା ତୀର୍ଥ ନାଗଙ୍କ ସହିତ ୬ ପଞ୍ଚାୟତର ନେତୃବୃନ୍ଦ ଓ ବହୁ ଗ୍ରାମବସୀ ଚେତାବନୀ ଦେଇଛନ୍ତି।

## ବାଲେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ ୩ ଘଣ୍ଟା ଧରି ସମୀକ୍ଷା କଲେ



ଅଭିବାଦନ ଗ୍ରହଣ କରୁଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ।

**ବାଲେଶ୍ୱର, ୧।୧୦(ବାଞ୍ଛାନିଧି ଦେ)**

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ମଙ୍ଗଳବାର ପ୍ରଥମଥର ବାଲେଶ୍ୱର ଗସ୍ତରେ ଆସିଥିଲେ। ଅପରାହ୍ଣ ୫ଟାରେ ପୂର୍ବାଞ୍ଚଳ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ ଅଭିବାଦନ ଗ୍ରହଣ କରିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏଡିଜିପି (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ସାଗରିକା ନାଥ, ଏଏସ୍‌ପି (ଜେନେରାଲ) ପ୍ରଦୀପ ଦଳେଇ, ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ହେଡ୍ କ୍ୱାର୍ଟର ଡିଏସ୍‌ପି ଦେବଜ୍ୟୋତି ଦାସ, ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ କୁମାର ବେହେରା ଯୋଗ ଦେଇଥିଲେ। ୩ ଘଣ୍ଟା ଧରି ଜିଲା ଅଧୀନ ସମସ୍ତ ଥାନା ଓ ଫାଣ୍ଡିର ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଏଥିସହ ଆସନ୍ତା ଦୁର୍ଗା ପୂଜା ଓ ଦଶହରାରେ ଆଇନଶୃଙ୍ଖଳା ପରିସ୍ଥିତି ଦିଗରେ ଗୁରୁତ୍ୱାରୋପ କରିଥିଲେ।

ବୈଠକ ପରେ ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇ ଜିଲାରେ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଯାହା ଆବଶ୍ୟକ ରହିଛି ସେ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ସହଯୋଗରେ ଏହି ପର୍ବ ଭଲରେ ପାଳିତ ହେଉ ବୋଲି କହିଥିଲେ।

## ସର୍ବସାଧାରଣଙ୍କ ପାଇଁ ଖୋଲିଲା ମନ୍ମଥ-ମନୋଜ ସ୍ମାରକୀ



ମନ୍ମଥ-ମନୋଜ ସ୍ମାରକୀ ଖୋଲାଯିବା ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବାଲେଶ୍ୱର,୧।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଅଧୀନ ଶଙ୍ଖାରିସ୍ଥିତ ମନ୍ମଥ-ମନୋଜ ସ୍ମାରକୀକୁ ମଙ୍ଗଳବାରଠାରୁ ଜନସାଧାରଣଙ୍କ ନିମନ୍ତେ ଆନୁଷ୍ଠାନିକ ଭାବେ ଖୋଲାଯାଇଛି। ମନ୍ମଥ-ମନୋଜ ସ୍ମାରକୀ ପରିସର ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ। କେବଳ ସୋମବାର ରକ୍ଷଣାବେକ୍ଷଣ ନିମନ୍ତେ ଏହା ବନ୍ଦ ରହିବ। ଏହି ପରିସର ମଧ୍ୟରେ ଥିବା ସ୍ମାରକୀ ସଂଗ୍ରହାଳୟ ଏବଂ ପାଠାଗାର ଉକ୍ତ ଦିନଗୁଡିକରେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ସାଂସ୍କୃତିକ ସଚେତନତା ଓ ସ୍ଥାନୀୟ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମନ୍ମଥ-ମନୋଜ ସ୍ମାରକୀ ପରିସରକୁ ପ୍ରବେଶ ସମସ୍ତ ଦର୍ଶକଙ୍କ ପାଇଁ ମାଗଣା ରହିବ। ସ୍ମାରକୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଦର୍ଶକଙ୍କଠାରୁ ୧୦ଟଙ୍କା ଆଦାୟ କରାଯିବ। ଏହି ଅବସରରେ ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଡିଓ, ବିଇଓ, ଛାତ୍ରୀଛାତ୍ର ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ‘ସ୍ୱଚ୍ଛତା ହି ସେବା’ ଅଧୀନ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

ପ୍ରକାଶଥାଉ କି, ଗତ ଫେବୃଆରୀ ୨୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ମନ୍ମଥ-ମନୋଜ ସ୍ମାରକୀର ଉଦ୍‌ଘାଟନ କରାଯାଇଥିଲା। ୧୫ କୋଟିରୁ ଊର୍ଦ୍ଧ୍ୱରେ ଏହି ଐତିହାସିକ ସ୍ମାରକୀ ନିର୍ମାଣ କରାଯାଇଛି। ଏହି ସ୍ମାରକୀର ପରିଚାଳନା ନିମନ୍ତେ ଭୋଗରାଇ ବ୍ଲକ ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

## ବିଜେଡି ପକ୍ଷରୁ ଗଣବିକ୍ଷୋଭ

**ବାହାନଗା, ୧।୧୦(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଗଣବିକ୍ଷୋଭ କରାଯାଇଥିଲା। ଏନେଇ ବ୍ଲକ ପରିସରରେ ଏକ ପ୍ରତିବାଦ ସଭା କରାଯିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୋର ନିର୍ବାଚନମଣ୍ଡଳୀର ବାହାନଗା ବିଜେଡି ପକ୍ଷରୁ ଶୋଭାଯାତ୍ରାରେ ବାହାନଗା ବଜାରରୁ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲେ। ପରେ ବାହାନଗା ବ୍ଲକ ପରିସରରେ ବିକ୍ଷୋଭ ସହ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ପଥରପେଣ୍ଠ ପଞ୍ଚାୟତ ସମିତିସଭ୍ୟ ଶରତ ରାଜ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଆଗାମୀ ଦିନରେ ଦାବି ପୂରଣ ନ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଯୋଗ ଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ପ୍ରଦାନ କରାଯାଇଛି।

## ‘ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ’



ସାମୂହିକ ଶପଥପାଠ କାର୍ଯ୍ୟକ୍ରମ।

**ବାଲେଶ୍ୱର, ୧।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ‘ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତିଙ୍କ ଦିବସ-୨୦୨୪’ ମଙ୍ଗଳବାର ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସର ମୁଖ୍ୟ ବିଷୟ ‘ସମ୍ମାନ ସହିତ ବାର୍ଦ୍ଧକ୍ୟ’ ରଖାଯାଇଛି।

ବିଶ୍ୱବ୍ୟାପୀ ବୟସ୍କ ବ୍ୟକ୍ତିଙ୍କ ପାଇଁ ଯତ୍ନ ଏବଂ ସହାୟତା ପ୍ରଣାଳୀକୁ ମଜଭୁତ କରିବା ଆବଶ୍ୟକ ତଥା ଏହା ସମସ୍ତ ନାଗରିକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ। ବୃଦ୍ଧାବସ୍ଥା ଏକ ପ୍ରାକୃତିକ ପ୍ରକ୍ରିୟା, ଏଣୁ ବୟସ୍କ ବ୍ୟକ୍ତିଙ୍କ ପ୍ରତି ଯତ୍ନଶୀଳ ଓ ସୁରକ୍ଷା ମନୋଭାବ ପୋଷଣ କରିବା ଉଚିତ। ଏହି ବାର୍ତ୍ତାକୁ ନେଇ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ ବିତ୍ତ ନିୟନ୍ତ୍ରକ କରନ ସୋରେନଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଗଣ ଓ ଛାତ୍ରୀଛାତ୍ର ଏକାଠି ହୋଇ ବୟସ୍କ ବ୍ୟକ୍ତିଙ୍କୁ ସୁସ୍ଥ, ସକ୍ରିୟ ଓ ସ୍ୱତନ୍ତ୍ର ରହିବାରେ ସହଯୋଗ କରିବା ନେଇ ତଥା ପରିବାର ଓ ସମାଜ ପ୍ରତି ସେମାନଙ୍କ ଯୋଗଦାନ ଉଦ୍ଦେଶ୍ୟରେ ସମ୍ମାନ ଜଣାଇ ଶପଥପାଠ କରିଛନ୍ତି।

## ପ୍ରତିଭା ପ୍ରଦର୍ଶନ ପାଇଁ ଉତ୍କୃଷ୍ଟ ମାଧ୍ୟମ: ବିଧାୟକ, ଏମ୍‌ପି

### ରଟିଣା ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି

**ଖଇରା, ୧।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା କ୍ଲଷ୍ଟରର ରଟିଣାସ୍ଥିତ ପ୍ରହ୍ଲାଦ ପ୍ରସାଦ ସରକାରୀ ହାଇସ୍କୁଲରେ ସୋମବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ନିମିତ୍ତ ସରକାରଙ୍କ ସୁରଭି କାର୍ଯ୍ୟକ୍ରମ ଉପଯୁକ୍ତ ମାଧ୍ୟମ ବୋଲି କହିବା ସହ ଆଗ୍ରହ ଅନୁଯାୟୀ ପାଠ ସହ ଖେଳକୁଦ, ନାଚ, ଗୀତରେ ଦକ୍ଷତା ଦେଖାଇବାକୁ



ଏମ୍‌ପି ଓ ବିଧାୟକ ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି।

ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଭାପତି ରାଧାଶ୍ୟାମ ମହାପାତ୍ର, ସରପଞ୍ଚ ବାସନ୍ତୀ ମହାନ୍ତି, ସମିତିସଭ୍ୟା ଛବିଳତା ମହାପାତ୍ର, ଆଲୁମିନି ସଭାପତି ପ୍ରଫୁଲ୍ଲ ମହାନ୍ତି, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, କମିଟି ସଭ୍ୟ ନିରଞ୍ଜନ ମହାପାତ୍ର, ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟିର ସମସ୍ତ ସଭ୍ୟା, ଶିକ୍ଷୟିତ୍ରୀ ଓ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଷଣ୍ଢ ଆକ୍ରମଣରେ ଜଣେ ମୃତ, ୩ ଆହତ

**ଜଳେଶ୍ୱର, ୧।୧୦(ନବୀନ ସାହୁ)**

ଜଳେଶ୍ୱର ବ୍ଲକ ରାଇବଣିଆ ଗ୍ରାମର ନାରାୟଣ ବେହେରା(୫୦) ମଙ୍ଗଳବାର ବାଉଁଶବଣି ଗ୍ରାମକୁ ଏକ ସାଇକେଲ ଯୋଗେ ଶାଳପତ୍ର ଆଣିବା ପାଇଁ ଯାଇଥିଲେ। ବେଗୁନିଆ ଘାଟି ନିକଟରେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ମୃତଦେହ ବ୍ୟବଚ୍ଛେଦ କରି ଗାଁକୁ ଆଣିଥିଲେ। ସେହିପରି ଉକ୍ତ ଷଣ୍ଢ ଆକ୍ରମଣରେ ଅନ୍ୟ ୩ ଜଣ ମଧ୍ୟ ଆହତ ହୋଇଛନ୍ତି। ଆହତମାନେ ଏବେ ହାତୀଗଡ଼ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗାଁ ଲୋକ କବାଟଘାଟି ଗ୍ରାମରେ ଉକ୍ତ ଷଣ୍ଢକୁ ବାନ୍ଧି ରଖିଛନ୍ତି।

## ସୋର କୋର୍ଟ ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ



**ସୋର, ୧।୧୦(ଜନ୍ମେଜୟ ମିଶ୍ର)**

ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ଓ ଏହାର ଆଇନ ସମ୍ପର୍କିତ ନ୍ୟାୟ ଓ ସୁରକ୍ଷା ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ କେଦାରପୁରସ୍ଥିତ ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସୋର କୋର୍ଟର ସିନିୟର ସିଭିଲ ଜଜ, ଆସିଷ୍ଟାଣ୍ଟ ସେସନସ ଜଜ୍ ତଥା ସୋର ତାଲୁକ ଆଇନ ସହାୟତା କମିଟି ଚେୟାରମ୍ୟାନ ଶିଲା ପ୍ରିୟଦର୍ଶନୀ ପଣ୍ଡା ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ପାରିବାରିକ ଓ ସାମାଜିକ ସୁରକ୍ଷା, ମାନସିକ ସ୍ଥିତିର ସନ୍ତୁଳନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସୋର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ, ଆଇନଜୀବୀ ଚିତ୍ତରଞ୍ଜନ ମହାପାତ୍ର ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ଆଇନ ଓ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଲିଗାଲ ଏଡ ରିଟେନର ଆଇନଜୀବୀ ଧୀରେନ୍ଦ୍ର କୁମାର ଦାସ ବିନା ମୂଲ୍ୟରେ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ କାହ୍ନୁ ଚରଣ ବେହେରା ପରିଚାଳନା କରିବା ସହ ଅତିଥି ପରିଚୟ, ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଲିଗାଲ ଏଡ କର୍ମଚାରୀ ଜ୍ୟୋତିପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ, ସ୍ୱେଚ୍ଛାସେବୀ ସୁଶାନ୍ତ କୁମାର ଦାସ, ସ୍ନିନିମଇ ଅରଖ, ଶଶିକାନ୍ତ କର, ସନତ କୁମାର ପାତ୍ର ଓ ଦେବାଶିଷ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶାଳ ଧନ୍ୟବାଦ ଦେଇ ସଭା ଶେଷ କରିଥିଲେ।

## ରାଇବଣିଆ ଥାନାରେ ଶାନ୍ତି କମିଟି ବୈଠକ

**ଜଳେଶ୍ୱର, ୧।୧୦(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ପରିସରରେ ଆଇଆଇସି ବାରିଣୀ ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଥାନା ଅଞ୍ଚଳର ୬ଟି ଦୁର୍ଗା ପୂଜା କମିଟି ସଭାପତି ଓ ସମ୍ପାଦକମାନଙ୍କୁ ନେଇ ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଇବଣିଆ ଥାନାର ଏଏସ୍‌ଆଇ ସୁବାସ ଚନ୍ଦ୍ର ସାହୁ, ଏଏସ୍‌ଆଇ ମୂରଲୀଧର ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ରାଇବଣିଆ ଅଞ୍ଚଳରେ କୁଅଁରପୁର, ଓଲମରା, ରାଇବଣିଆ, ହାତୀଗଡ, ପ୍ରହରାଜପୁର, ଖୁଆଡ଼, ପୁରୁଣାପାଣି, ଅଶାବନ୍ଧ ଓ ନୂଆ କରି ଏହିବର୍ଷ ଗଡ଼ସାହିରେ ଦୁର୍ଗା ପୂଜା ଅନୁଷ୍ଠିତ ହେଉଥିବାବେଳେ ଦଶହରା ଦିନ ଓଲମରା କଲେଜ ପଡିଆ ଓ ପୁରୁଣାପାଣି ପଡିଆରେ ରାବଣ ପୋଡି ଅନୁଷ୍ଠିତ ହେବ। ଖୁଆଡ଼ରେ ୧୪ତାରିଖ ସନ୍ଧ୍ୟାରେ ଗାଁ ଜଗନ୍ନାଥ ମନ୍ଦିରରୁ ରାମଲୀଳା ବାହାରି ଷ୍ଟାଡ଼ିୟମ ପାଖରେ ପହଞ୍ଚିଲା ପରେ ରାବଣ ପୋଡ଼ି ଅନୁଷ୍ଠିତ ହେବ। କୁଅଁରପୁର ଗାଁରେ ୨୬ବର୍ଷ ପୂର୍ତ୍ତି ଉପଲକ୍ଷେ ଦଶମହାବିଦ୍ୟା ପୂଜା ଅନୁଷ୍ଠିତ ହେବ। ସ୍ଲୋ ସାଉଣ୍ଡ, ଭସାଣିରେ ଡିଜେ ବ୍ୟବହାର ନ କରିବା, ରାବଣପୋଡ଼ିରେ ସୁରକ୍ଷା ଅବଲମ୍ବନ କରିବାକୁ ରାଇବଣିଆ ପୋଲିସ ପକ୍ଷରୁ ଉପସ୍ଥିତ ପୂଜା କମିଟି ମେମ୍ବରଙ୍କୁ କୁହାଯାଇଛି।



ଶାନ୍ତି କମିଟି ବୈଠକ।

## ବ୍ଲକସ୍ତରୀୟ ମିଳିତ ଜନଶୁଣାଣିରେ ୧୯୮ ଅଭିଯୋଗ

**ବହାନଗା, ୧।୧୦(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୯୮ଟି ଅଭିଯୋଗ ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ୪ ଅଭିଯୋଗକାରୀଙ୍କୁ କ୍ଷୟକ୍ଷତି ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଜିଲାପାଳ ୧୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିଲେ। ଅନ୍ୟ ୮୦ଅଭିଯୋଗକାରୀଙ୍କ ସମସ୍ୟାକୁ ସମାଧାନ କରାଯାଇଥିବା ଜଣାପଡିଛି। ସାଧାରଣତଃ ରାଶନକାର୍ଡ ସମସ୍ୟା ଓ ପ୍ରଧାନମନ୍ତ୍ରୀ ଅବାସ ବାବଦରେ ଲୋକଙ୍କର ଅଧିକ ଅଭିଯୋଗ ଥିଲା। ମିଳିତ ଶୁଣାଣି ଶିବିରରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ସାଗରିକା ନାଥ, ଏଡିଏମ୍ ସୁଧାକର ନାୟକ, ରାଜସ୍ୱ ବିଭାଗର ଏଡିଏମ୍ ନିରଞ୍ଜନ ବେହେରା, ବାଲେଶ୍ୱର ଜିଲା ପରିଷଦର ସିଡିଓ କମ୍ ଇ.ଓ. ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ସିଡିଏମ୍‌ଓ




ଦୁଲାଲସେନ୍ ଜଗତଦେବ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିକ୍ରେ ଜନଶୁଣାଣି ଅଫିସର ପୁରୁଷୋତ୍ତମ ମିଶ୍ର, ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବାହାନଗା ତହସିଲଦାର ସସ୍ମିତା ମୁର୍ମୁ ,ଏଡିଇଓ ଧରଣୀଧର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜଙ୍ଗଲ ବିଭାଗ, ଇରିଗେଶନ ବିଭାଗ, ଡ୍ରେନେଜ ବିଭାଗ, ଅବକାରୀ ବିଭାଗ, ଲେବର ଅଫିସର, ବିଦ୍ୟୁତ ବିଭାଗ, ପରିବହନ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଖାଉଟି ବିଭାଗ, ଖନ୍ତାପଡା ଥାନା, ଗୋପାଳପୁର ଥାନା, ଆରଡି ବିଭାଗ, ପୂର୍ତ୍ତ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗର ସିଡିପିଓ ଉପସ୍ଥିତ ଥିଲେ। କୃଷିବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ନୂଆ ସରକାରର ପ୍ରଥମ ବାହନଗା ବ୍ଲକର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ପ୍ରଥମଥର ପାଇଁ ବିଭିନ୍ନ ବିଭାଗ, କର୍ମଚାରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲାପାଳ ଓ ଏସ୍‌ପି ଦିନ ୧୨ଟା ବେଳକୁ ଶିବିର ଛାଡି ପଳାଇବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ

**ବାରିପଦା,୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଶହୀଦ ସ୍ମୃତି ଭବନଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ବିଜୟ କୁମାର ବେହେରା, କାର୍ଯ୍ୟକ୍ରମର ଆୟୋଜକ ନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକଙ୍କ ପାଇଁ ଆର୍ଟ ଅଫ ଲିଭିଙ୍ଗର ଯୋଗ ଗୁରୁ କୌଶିକ ସାହୁଙ୍କ ଦ୍ୱାରା ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଫୁଲ, ଚନ୍ଦନ ଏବଂ ଉତ୍ତରୀୟ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ମନୋବିକାଶ ବିଶେଷ ବିଦ୍ୟାଳୟର ବଧିର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ପରେ ଜିଲା ପ୍ରଶାସନ ଏବଂ ବରିଷ୍ଠ ନାଗରିକ ସଂଘ ସହିତ ଏକ ସଚେତନତା ବୈଠକ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ୟାମ ସୁନ୍ଦର ଦାସ, ପ୍ରଦୀପ୍ତ କିଶୋର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁନୀଲ କୁମାର ଦାଶ, ଜୟନ୍ତ କୁମାର ପଟ୍ଟନାୟକ ସଭାରେ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍ଗଲ କାଟି ରାସ୍ତା ନିର୍ମାଣ

## ବିନା ଗ୍ରାମ ସଭାରେ ଖଣିଜ ପରିବହନ ପାଇଁ

### ତଦନ୍ତ ଦାବି କଲା ଜଙ୍ଗଲ କମିଟି

ଯୋଡ଼ା,୧।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଭଦ୍ରାସାହି ଗ୍ରାମ ପଞ୍ଚାୟତର ଟନଟୋ ଗ୍ରାମରେ ଥିବା ନର୍ଭେରାମ କମ୍ପାନୀର ରୋଇଡ଼ା-୨ ଖଣିରୁ ଖଣିଜ ପରିବହନ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ବିନା ଗ୍ରାମ ସଭାରେ ଜଙ୍ଗଲ କାଟି ରାସ୍ତା ନିର୍ମାଣ କରାଯାଇ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ଜଙ୍ଗଲ କମିଟି ଗଣମାଧ୍ୟମ ଆଗରେ ଦାବି କରିଛି। ଗ୍ରାମବାସୀ ଓ ଗ୍ରାମ୍ୟ କମିଟି ସଦସ୍ୟ ଶୁକଦେବ ମୁଣ୍ଡା, ବୁଧୁନି ମୁଣ୍ଡା, ରାଧିକା ମୁଣ୍ଡା, ଗୋରା ମୁଣ୍ଡା, ମୁନି ମୁଣ୍ଡା, ସୁନା ମୁଣ୍ଡା ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବିନା ଗ୍ରାମ ସଭା ଓ ଜଙ୍ଗଲ କମିଟିର ବିନା ପରାମର୍ଶରେ ଏହି କମ୍ପାନୀ ପ୍ରାୟ ୪୦ ଫୁଟ ଉଚ୍ଚତାର ଏକ ବୃକ୍ଷଲତା ପରିପୂର୍ଣ୍ଣ ପାହାଡ଼ ଏବଂ ବଡ଼ ବଡ଼ ଗଛକୁ କାଟି ନିଜର ପରିବହନ କାର୍ଯ୍ୟ ପାଇଁ ରାସ୍ତା ନିର୍ମାଣ କରୁଛି। ଏହି ଉଚ୍ଚ ପାହାଡ଼କୁ ମେଶିନ ଲଗାଇ କାଟିବା ବେଳେ ହଜାର ହଜାର ମେଟ୍ରିକ ଟନ୍ ଲୁହାପଥର ଓ ବ୍ଲୁଡଷ୍ଟ (ମୂଲ୍ୟବାନ ଲୁହାପଥର ) ହରଣଚାଲ କରି ନେଇଥିବା ଗ୍ରାମବାସୀ ଓ ଜଙ୍ଗଲ କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଖଣି ବିଭାଗର ବିନା ଅନୁମୋଦନରେ ଏହି କାର୍ଯ୍ୟ କରା ଯାଇଥିବା ସାମୁହିକ ଭାବେ ଅଭିଯୋଗ କରିଛନ୍ତି। ଏ ନେଇ ଭଦ୍ରାସାହି ପୂର୍ବତନ ସରପଞ୍ଚ କସ୍ତୁରୀ ଓରାମ କହିଛନ୍ତି ଯେ, ବିନା ଗ୍ରାମ ସଭାରେ କମ୍ପାନୀ ଜଙ୍ଗଲ କାଟି ପକାଇଛି। ଖଣି ଲିଜ୍ ନିକଟରେ ଥିବା ସ୍ଥାନରେ ବହୁ ପରିମାଣରେ ଲୁହାପଥର ଥିଲା। ଏହାକୁ ମଧ୍ୟ କମ୍ପାନୀ ଖଣି ବିଭାଗର ବିନା ଅନୁମତିରେ ବିକ୍ରି କରି ଅନେକ କୋଟି ଟଙ୍କା ମୁନାଫା କମାଇଛି। ପ୍ରାୟ ଏକ ଲକ୍ଷ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ଲୁହାପଥର ନିକଟସ୍ଥ ଏକ କାରଖାନାକୁ ଚାଲାଣ କରାଯାଇଥିବା ଅଭିଯୋଗ କରିବା ସହିତ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି।

ଏ ନେଇ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି ଯେ, ପ୍ରଥମ ଦଫାରେ ପ୍ରାୟ ୫ ହଜାର ଓ ଦ୍ୱିତୀୟ ଦଫାରେ ପ୍ରାୟ ୩୫ ହଜାର ମେଟ୍ରିକ ଟନ ଲୁହାପଥରକୁ ଖଣି ବିଭାଗ ଏହି ରାସ୍ତା ନିର୍ମାଣ ସମୟରେ ଜବତ କରିଛି। ପ୍ରାୟ ୭୦୦ ମିଟର ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ କମ୍ପାନୀ ପକ୍ଷରୁ ବେଆଇନ ଭାବେ କାଟି ଦିଆଯାଇଥିଲା। ସେହି ସମୟରେ ପ୍ରାୟ ଏକ ଲକ୍ଷ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ବ୍ଲୁ ଡଷ୍ଟ ବାହାରି ଥିଲା। ତେବେ ଏହି ଲୁହାପଥର କୁଆଡ଼େ ଉଭାନ ହୋଇ ଯାଇଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। କେନ୍ଦୁଝର ଡିଏଫଓ ଏଚ୍‌ଡି ଧନରାଜ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଏହି ରାସ୍ତା ନିର୍ମାଣ କରାଯାଇଛି। ବଡ଼ବିଲ ରେଞ୍ଜ ଅଧିକାରୀ ରଞ୍ଜନ କାଲୋ କହିଛନ୍ତି, ସମସ୍ତ ନିୟମ ଅନୁଯାୟୀ ରାଜ୍ୟ ସରକାର ରାସ୍ତା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ତେବେ ରାସ୍ତା ନିର୍ମାଣ ବେଳେ ସେଠାରୁ ବାହାରିଥିବା ସମସ୍ତ ଖଣିଜକୁ ବନ ବିଭାଗ ଓ ଖଣି ବିଭାଗ ଜବତ କରିଛି। ଅନ୍ୟପକ୍ଷରେ ୧୦୦ଦିନ ଧରି ସେଠାରେ ଧାରଣାରତ ପ୍ରାୟ ୧୩୦୦ ମହିଳା ପୁରୁଷ ଏ ଦିଗରେ ସରକାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ ବୋଲି ଦାବି କରିଛନ୍ତି।


ତଦନ୍ତ ଦାବି କରୁଥିବା ଗ୍ରାମବାସୀ।

## ଜିଲା ଟ୍ରକ୍ ମାଲିକ ସଂଘ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା


ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

ପାଟଣା,୧।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଫଳାଫଳ ସୋମବାର ଘୋଷଣା ହୋଇଛି। ମଙ୍ଗଳବାର ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ନବ ନିର୍ବାଚିତ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯତୀନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ଅଞ୍ଚଳର ଟ୍ରକ୍ ମାଲିକ ଯୁଗଳ କିଶୋର ଦାଶ, ଖୁରସିଦ ଆଲାମ, ଅଭିଷେକ ଦାଶ, ଜାମିଲ ଆଲାମ, ଅଜୟ କୁମାର ବେହେରା, ପଙ୍କଜ ସାହା, ସମସେର ଆଲାମ, ପ୍ରତାପ ଚନ୍ଦ୍ର ମହାନ୍ତ, ବିକାଶ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ସାହିଦ ଆଲାମ, ମାଘୁ ମହାନ୍ତ, ପଟେଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଗୁରୁତର

ପାଟଣା,୧।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ବଣମହୁଲଡ଼ିହା ଗ୍ରାମରେ ମଙ୍ଗଳବାର ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶ୍ରୀକାନ୍ତ ମହାନ୍ତ ଓ ଗୋବିନ୍ଦ ନାଏକ। ଶ୍ରୀକାନ୍ତଙ୍କ ମୁହଁରେ କ୍ଷତ ହୋଇଥିବା ବେଳେ ଗୋବିନ୍ଦଙ୍କ ବାମ ହାତକୁ କାମୁଡ଼ି ଭାଲୁ ଘାଇଲା କରିଛି। ଉଭୟ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡୁମୁରିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ସକାଳେ ଗାଁ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ବୁଦା ଭିତରୁ ୩ ଭାଲୁ ବାହାରି ସେମାନଙ୍କୁ ଆକ୍ରମଣ କରିଥିଲେ।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ହତ୍ୟା ସନ୍ଦେହ

ଯୋଡ଼ା,୧।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଜୁରୁଡ଼ି ଆପାହାତୁ ନିକଟସ୍ଥ ରେଳ ଧାରଣା ନିକଟରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ନିଉ କଲୋନୀର ପେଟୁ କାରୁଆ (୨୨)। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଲୋକେ ସନ୍ଦେହ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

### ଦୁର୍ଗା ପୂଜା ପାଇଁ ଶାନ୍ତି କମିଟି ବୈଠକ

ରାମଚନ୍ଦ୍ରପୁର, ୧।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ସାଇଁକୁଳ ଦୁର୍ଗା ପୂଜା କମିଟି ପକ୍ଷରୁ ଶାନ୍ତି କମିଟି ଗଠନ ନିମନ୍ତେ ସାଇଁକୁଳ ଫାଣ୍ଡି ପରିସରରେ ବୈଠକ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ ଓ ପୂର୍ବତନ ସରପଞ୍ଚ ବିଭାସ ଚନ୍ଦ୍ର ନାଏକ, ଶାନ୍ତିନିକେତନ ପ୍ରଫେସର ଡ଼ ସନତ କୁମାର ରଥ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ କଳାକାର ସାମଲ, ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ସାମାଜିକ କର୍ମୀ ରଘୁନାଥ ପଣ୍ଡା, ମହେନ୍ଦ୍ର ଚକ୍ର, ସନ୍ତୋଷ ପରିଡ଼ାଙ୍କ ସମେତ ରାମଚନ୍ଦ୍ରପୁର, କାନପୁର, ଅତା ଗ୍ରାମର ଦୁର୍ଗା ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ରହି କିଭଳି ଶାନ୍ତିଶୃଙ୍ଖଳାରେ ପୂଜା ସମାପନ ହେବ ଏନେଇ କମିଟି ଗଠନ ହୋଇଥିଲା। ପୂଜା ପୂର୍ବରୁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ୬ତାରିଖ ସକାଳୁ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ଏନସିସି ଛାତ୍ରୀଛାତ୍ର ଓ ସାଇଁକୁଳ ଯୁବକମାନଙ୍କୁ ନେଇ ଏକ ସଫେଇ କାର୍ଯ୍ୟକ୍ରମ ହେବା ନେଇ ଅବସରପ୍ରାପ୍ତ ସେନା ଅଧିକାରୀ ସ୍ୱାଇଁ କହିଥିଲେ। ଶେଷରେ ଥାନା ଅଧିକାରୀ ବିଜୟ କୁମାର ସିଂ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଜେଟିଓ କର୍ମକର୍ତ୍ତା, ଟ୍ରକ୍ ମାଲିକଙ୍କ ବୈଠକ


ବୈଠକରେ ଉପଜିଲାପାଳଙ୍କ ସହ ସଂଘ କର୍ମକର୍ତ୍ତା ଓ ଟ୍ରକ ମାଲିକମାନେ।

ଚମ୍ପୁଆ, ୧।୧୦ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଜେଟିଓ ତଥା ଯୋଡ଼ା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଓ ଚମ୍ପୁଆ ଟ୍ରକ୍ ମାଲିକମାନଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ହୋଇଛି। ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ନିଜ ମତ ରଖିଥିଲେ। ଟ୍ରକ୍ ମାଲିକମାନଙ୍କ ଅଭିଯୋଗକୁ ସଂଘ ସମ୍ପାଦକ ସୁଶାନ୍ତ ବାରିକ ଭିତ୍ତିହୀନ ବୋଲି ଦର୍ଶାଇବା ସହ ଲୋଡିଂ ଅଭାବଜନିତ ସମସ୍ୟା ପାଇଁ ଏହି ପରିସ୍ଥିତି ଉପୁଜିଥିବା କହିଥିଲେ। କର୍ମକର୍ତ୍ତାମାନେ ନିଜ ନିଜ ଗାଡ଼ିକୁ ଅଧିକ ଲୋଡିଂ ଦେଉଛନ୍ତି ବୋଲି କହିବା ସହ ଲୋଡିଂ ସମ୍ବନ୍ଧୀୟ ଦସ୍ତାବିଜ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଉପଜିଲାପାଳ ନିୟମ ଅନୁସାରେ କାର୍ଯ୍ୟ କରି ଟ୍ରକ୍ ମାଲିକମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅଭାବ ସମୟରେ ସ୍ୱଭାବ ନଷ୍ଟ ନ କରି ସମସ୍ତଙ୍କ ପେଟକୁ ଦାନା ଦେବା ସହ ଏକ ସ୍ୱତନ୍ତ୍ର ବୈଠକ ଡକାଇ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଂଘ ସଭାପତି ମାତା ଜୟସ୍ୱାଲ ଦୁର୍ଗା ପୂଜା ପରେ ଜେନେରାଲ ବଡି ମିଟିଂ ଡକାଯିବ ବୋଲି ଜଣାଇଥିଲେ।

ସୂଚନାଯୋଗ୍ୟ, ଏହି ସଂଘର ମନମାନି ଅଭିଯୋଗ ଆଣି ଏହାକୁ ବିରୋଧ କରି ଚମ୍ପୁଆ ଟ୍ରକ୍ ମାଲିକମାନେ ଗତ ସେପ୍ଟେମ୍ବର ୧୨ରେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମାଲିକମାନେ ୮ ଦଫା ଦାବି କରିଥିବା ବେଳେ ସଂଘ କର୍ମକର୍ତ୍ତାଙ୍କ ମନମାନି ସହ ଲୋଡିଂରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ କରିଥିଲେ। ଅନେକ ସମୟରେ ଜାଣିସୁଣି ସଂଘ କର୍ମକର୍ତ୍ତାମାନେ ଚମ୍ପୁଆ ଟ୍ରକ୍ ମାଲିକମାନଙ୍କୁ ଲୋଡିଂ ସମ୍ବନ୍ଧୀୟ ସୂଚନା ପ୍ରଦାନ କରୁ ନ ଥିବା ସହ ନିଜ ଗାଡ଼ିକୁ ଆଗୁଆ ଲୋଡିଂ ଦେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଉପଜିଲାପାଳ ବୈଠକ ଡକାଇଥିଲେ।

## ଦିବ୍ୟାଙ୍ଗଙ୍କୁ ମିଳିଲା ୩ଚକିଆ ଗାଡ଼ି

ଛେନାପଦୀ,୧।୧୦(ନିରାକାର ପରିଡ଼ା)

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ କେନ୍ଦୁଝରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଟଡ଼ିହୀ ବ୍ଲକ ଅଞ୍ଚଳର କେତେଜଣ ଦିବ୍ୟାଙ୍ଗଙ୍କୁ ୩ ଚକିଆ ଗାଡ଼ି ମିଳିଛି। ସେଥି ମଧ୍ୟରେ ୩ଟି ମୋଟରାଇଜଡ ଟ୍ରାଇସାଇକେଲ,୨ଟି ହୁଇଲ ଚେୟାର, ୩ଟି ପାରମ୍ପରିକ ହାତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ।



## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ


ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ।

କରଞ୍ଜିଆ,୧।୧୦(କବିତା ମହାନ୍ତ)

କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନାର ରକ୍ତ କେନ୍ଦ୍ର ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୭ଟାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସହରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡ.ଗୌରାଙ୍ଗ ଚରଣ ନାୟକ ଓ ସାମ୍ବାଦିକ ଉମାଶଙ୍କର ଦାସ ଏହାର ନେତୃତ୍ୱ ନେଇଥିଲେ। ପରେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଉପଜିଲାପାଳ ତଥା ରକ୍ତ କେନ୍ଦ୍ର ପରିଚାଳନା ସମିତିର ଅଧ୍ୟକ୍ଷ ପ୍ରେମାଂଶୁ ଚାନ୍ଦଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଡାକ୍ତରଖାନାର ଅଧୀକ୍ଷକ ଡା.ଅନିତା ସିଂ, ଏସ୍‌ଡିପିଓ. ସୁବ୍ରତ କୁମାର ଓ ବକ୍ତା ଭାବେ ପାଞ୍ଚପୀଢ଼ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରକ୍ତ କେନ୍ଦ୍ରର ଅଧିକାରୀ ଡା. ଗୌରାଙ୍ଗ ଚରଣ ନାୟକ ରକ୍ତ କେନ୍ଦ୍ରର ଲକ୍ଷ୍ୟ ଓ ସଫଳତା ଉପରେ ସୂଚନା ପ୍ରଦାନ କରିଥିଲେ। ରକ୍ତଦାତା, ଶିବିର ଆୟୋଜକ, କୃତୀ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଚାମୁଣ୍ଡାଙ୍କ ପୀଠରେ ବାର୍ଷିକ ଉତ୍ସବ

ଗୋପବନ୍ଧୁ ନଗର,୧।୧୦ (ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁଠାରେ ସୋନ ନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ମା'ଚାମୁଣ୍ଡାଙ୍କ ପୀଠରେ ମଙ୍ଗଳବାର ବାର୍ଷିକ ଉତ୍ସବ ସହ ଚଣ୍ଡୀପାଠ ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସାଇଁକୁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ରତିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ନିଳାଦ୍ରୀ ମିଶ୍ର, ଗୋକୁଳି ବେହେରା, କୃଷ୍ଣମଣୀ ଦାସ ଓ ସନାତନ ନାୟକ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପୂଜକ ବାପୁନ ପତି, ମୁଖ୍ୟ ପୁରୋହିତ ଦୁର୍ଗାଚରଣ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ହୋତା, ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିରଞ୍ଚି ମିଶ୍ର ଚଣ୍ଡୀପାଠ କାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍ ସମ୍ବର୍ଦ୍ଧିତ

ବଡଳା, ୧।୧୦(ଦୁର୍ଗା ପ୍ରସାଦ ଆୟଚ )

କେନ୍ଦୁଝର ଜିଲାର ପିପିଳିଆ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ୪୮ତମ ବାର୍ଷିକ ସାରସ୍ୱତ ସମାରୋହରେ ହାଟଡିହୀ ବ୍ଲକ ଓରାଳି ଗ୍ରାମର ବରିଷ୍ଠ ଶିକ୍ଷୟିତ୍ରୀ, କବୟିତ୍ରୀ ଓ ସାହିତ୍ୟିକା ହାସ୍ୟମୟୀ ରାଜ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨ଦିନିଆ ସମାରୋହରେ ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ଡ. ବିମ୍ବାଧର ବେହେରା, ଡ. ଧିରେନ କୁମାର ମହାନ୍ତି, ଡ. ଶମ୍ଭୁନାଥ ରାଉତ, ସୌମ୍ୟକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ନିରାକାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସଭାପତି ନୃସିଂହ ନାଥ ସିଂଙ୍କ ଉପସ୍ଥିତିରେ ସାଧାରଣ ସମ୍ପାଦକ ଡ. ଭାଗବତ ଲେଙ୍କା ସମ୍ପାଦକୀୟ ପାଠ କରିଥିଲେ। ଅତିଥିମାନଙ୍କ ଉପସ୍ଥିତିରେ କବୟିତ୍ରୀ ହାସ୍ୟମୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନରେ ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅନ୍ତର୍ଜାତୀୟ ବୟସ୍କ ଦିବସ

ରାଇରଙ୍ଗପୁର,୧।୧୦(ମାନସ ମହାନ୍ତି)

ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ବୟସ୍କ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରବିଶଙ୍କର ସତପଥୀଙ୍କ ମାର୍ଗଦର୍ଶନ ଓ ଆବାହକ ତଥା ସଂଯୋଜକ ବିଜୟ କୁମାର ରାମଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରୀ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ଦୀର୍ଘ ସୁଖମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ଅଧ୍ୟାପିକା ସେବତୀ ବେହେରା, ସମାପ୍ତି ରାଣୀ ଦାସ, ତିଲୋତ୍ତମା ଷଡ଼ଙ୍ଗୀ, ଯଶୋଧରା ମହାନ୍ତ, ରେଣୁକା ମହାନ୍ତ, ଶୁଭଦର୍ଶିନୀ ମିଶ୍ର, ରୁଦ୍ରନାଥ ଧୀର, ଅନିତା ସମଦ, ଶ୍ୟାମ ସୁନ୍ଦର ମଣ୍ଡଳ, ଦୀପିକା ମହାରାଣା, ଅମିତ ଗୋପାଳ, ତରୁଣ ମହାନ୍ତ, ଭାଗବତ ନନ୍ଦ, କୁନି ବେହେରା, ସୁଲକ୍ଷଣା ପଲେଇ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ଗାନ୍ଧୀ ଜୟନ୍ତୀ ପୂର୍ବରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




କେନ୍ଦୁଝର, ୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଅବ୍ୟାହତି ପୂର୍ବରୁ କେନ୍ଦୁଝର ଜିଲା ପ୍ରଶାସନ ଓ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନକୁ ବ୍ୟାପକ କରାଯାଇଛି। ଜଳାଶୟ, ନାଳନର୍ଦ୍ଦମା, ଅଧିକ ବର୍ଜ୍ୟବସ୍ତୁ ଏକାଠି ହେଉଥିବା ସ୍ଥାନ, ଧାର୍ମିକ ସ୍ଥାନ, ବିଭିନ୍ନ ପ୍ରତିଷ୍ଠାନ, ବଜାର ଘାଟ, ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପ୍ରକଳ୍ପ, ପୁଷ୍କରିଣୀ ଆଦି ସଫେଇ କରାଯାଇଛି। ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ଶ୍ରମଦାନ କରି ସଫେଇ କରିଛନ୍ତି। ମଙ୍ଗଳବାର ତେଲକୋଇ ବସ୍‌ଷ୍ଟାଣ୍ଡରେ କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଉପାଧ୍ୟକ୍ଷ ବରଦାପ୍ରସନ୍ନ ଦାସ, ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ସମସ୍ତ କାଉନସିଲର ଓ ଜନସାଧାରଣ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିଥିଲେ। ଜନସାଧାରଣଙ୍କ ଲାଗି ସ୍ୱଚ୍ଛତା ସଚେତନଧର୍ମୀ ପାଲା ପରିବେଷଣ କରାଯାଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖବରଦାତା ଓ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଳିଆ ଆବର୍ଜନା ସଫା କରିଥିଲେ। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲା ସଦରମହକୁମାରେ କାର୍ଯ୍ୟରତ ବରିଷ୍ଠ ଖବରଦାତାମାନେ ଯୋଗ ଦେଇଥିଲେ ।

## ସଂରକ୍ଷିତ ଜଙ୍ଗଲରୁ ଗଛ କଟାକୁ ବିରୋଧ

### ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଗ୍ରାମବାସୀ

କେନ୍ଦୁଝର,୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ କାଳିକାପ୍ରସାଦ ବିଟ୍ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରୁ ଗଛକଟା ଅନୁମତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏହି ଜଙ୍ଗଲ ସୁରକ୍ଷା କରି ଆସୁଥିବାବେଳେ ସେମାନଙ୍କ ଅଗୋଚରରେ ଗଛକଟା ପାଇଁ କିଭଳି ଅନୁମତି ଦିଆଗଲା, ସେନେଇ ଜନଶୁଣାଣିରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କାଳିକାପ୍ରସାଦ ବିଟ୍ ଅଧୀନ ସ୍ଥାନୀୟ ଗ୍ରାମ୍ୟ ସୁରକ୍ଷା କମିଟି ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଆବେଦନ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଠିକ୍ ତଦନ୍ତ ନ କରି ୨୫୦୫ଟି ଗଛ କାଟିବାକୁ ଅନୁମତି ଦିଆଯାଇଥିଲା। କେନ୍ଦୁଝର ବନଖଣ୍ଡ ଚିଠି ସଂଖ୍ୟା ୩୬୫୫ ତା ୪।୫।୨୦୨୪ ରିଖରେ ଗଛ କାଟିବା ପାଇଁ ଅନୁମତି ଦିଆଯାଇଥିଲା। ଚିଠିରେ ୟୁକାଲିପଟାସ ଗଛଗୁଡ଼ିକ ବଡ଼ ଏବଂ ପୁରୁଣା ହୋଇଥିବା ଉଲ୍ଲେଖ ରହିଛି।

ପ୍ରବଳ ବର୍ଷା, ବାତ୍ୟାରେ କେତେକ ବଡ଼ ବଡ଼ ଗଛ ପଡ଼ିଯିବାର ଆଶଙ୍କା ଥିବା ଚିଠିରେ ଲେଖାଯାଇଛି। ଏହି କାରଣରୁ ଗଛ କଟାଯିବା ଜରୁରୀ ବୋଲି ବନ ବିଭାଗ ପକ୍ଷରୁ ଚମ୍ପୁଆ ରେଞ୍ଜରଙ୍କୁ ଚିଠି କରାଯାଇଥିଲା। ଚିହ୍ନଟ ହୋଇଥିବା ୨୫୦୫ଟି ୟୁକାଲିପଟାସ ଗଛ କଟାଯିବା ପାଇଁ ବନ ବିଭାଗ କିଛି ସର୍ତ୍ତ ରଖାଯାଇଥିଲେ ମଧ୍ୟ ତାକୁ ନ ମାନି ମନଇଚ୍ଛା ଗଛ କଟାଯାଇଛି। ବନ କର୍ମଚାରୀଙ୍କ ଅନୁପସ୍ଥିତିରେ ବହୁ ସଂଖ୍ୟାରେ ଆକାଶିଆ ଏବଂ ଅନ୍ୟ ପ୍ରଜାତିର ଗଛ କଟାଯାଇଛି। ଏପରିକି ଜଣେ କାଠ ମାଫିଆ ବାହାରକୁ ଚାଲାଣ କରିଛନ୍ତି। ବନ ବିଭାଗ ଏବଂ କାଠ ମାଫିଆଙ୍କ ସଲାସୁତ୍ରରେ ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ପାଇଁ ଅନୁମତି ଦିଆଯାଇଥିବା ଗ୍ରାମାବାସୀ ଅଭିଯୋଗ କରିଛନ୍ତି। ଏପରିକି ଗଛ କଟାକୁ ନେଇ ଗାଁରେ ଗଣ୍ଡଗୋଳ ହୋଇ ଥାନାରେ ମାମଲା ମଧ୍ୟ ହୋଇଥିବା ଜଣାଯାଇଛି। ଗ୍ରାମବାସୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ କଟାଯାଇଥିବା ବହୁ ସଂଖ୍ୟାରେ ଆକାଶିଆ କାଠ ରଖି ଘଟଣାର ତଦନ୍ତ ଦାବି କରିଛନ୍ତି।

ଉକ୍ତ ସଂରକ୍ଷିତ ଜଙ୍ଗଲରେ ବର୍ଷର ସବୁ ସମୟରେ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀ ବସବାସ କରୁଥିଲେ ମଧ୍ୟ ବନ ବିଭାଗ କାଠ ମାଫିଆଙ୍କ ସ୍ୱାର୍ଥରେ ଗଛ କଟା ଅନୁମତି ଦେଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବନ ବିଭାଗ ପରିବେଶର ସୁରକ୍ଷା ପାଇଁ ବନୀକରଣ କରିବା ସହ ଜଙ୍ଗଲର ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ଜିଲାରେ ବହୁ ସଂଖ୍ୟାରେ ଗଛ କଟାକୁ ଅନୁମତି ଦେଇ ବାହାରକୁ ଚାଲାଣ କରାଯାଉଥିବାରୁ ଏହାର ତଦନ୍ତ ଲାଗି ପରିବେଶବିତ୍ ହରେକୃଷ୍ଣ ମହାନ୍ତ ଦାବି କରିଛନ୍ତି।



